# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVIII | YEAR OF OUR LORD JESUS CHRIST, 2026 JULY | No.05


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୩:୧-୮)

୧ ହେ ସଦାପ୍ରଭୋ, ମୋହର ବିପକ୍ଷମାନେ କିପରି ବଢ଼ିଅଛନ୍ତି । ମୋ' ବିରୁଦ୍ଧରେ ଉଠିଥିବା ଲୋକ ଅନେକ ।

୨ ଅନେକେ ମୋ' ପ୍ରାଣ ବିଷୟରେ କହନ୍ତି, ପରମେଶ୍ୱରଙ୍କ ନିକଟରେ ତାହା ପାଇଁ ପରିତ୍ରାଣ ନାହିଁ ।

୩ ମାତ୍ର ହେ ସଦାପ୍ରଭୋ, ତୁମ୍ଭେ ମୋ' ଚତୁର୍ଦ୍ଦିଗରେ ଢାଲ ସ୍ୱରୂପ; ମୋହର ଗୌରବ ଓ ମୋ' ମସ୍ତକ ଉଠାଇବା କର୍ତ୍ତା ଅଟ ।

୪ ମୁଁ ଆପଣା ରବରେ ସଦାପ୍ରଭୁଙ୍କୁ ଡାକେ, ପୁଣି ସେ ଆପଣା ପବିତ୍ର ପର୍ବତରୁ ମୋତେ ଉତ୍ତର ଦିଅନ୍ତି ।

୫ ମୁଁ ଶୟନ କରି ନିଦ୍ରାଗତ ହେଲି; ମୁଁ ଜାଗ୍ରତ ହେଲି; କାରଣ ସଦାପ୍ରଭୁ ମୋତେ ରକ୍ଷା କରନ୍ତି ।

୬ ମୁଁ ଆପଣା ପ୍ରତିକୂଳରେ ପରିବେଷ୍ଟିତ ଅୟୁତ ଅୟୁତ ଲୋକଙ୍କୁ ଭୟ କରିବି ନାହିଁ ।

୭ ହେ ସଦାପ୍ରଭୋ, ଉଠ; ହେ ମୋହର ପରମେଶ୍ୱର, ମୋତେ ପରିତ୍ରାଣ କର । କାରଣ ତୁମ୍ଭେ ମୋହର ଶତ୍ରୁ ସମସ୍ତଙ୍କ କଳହାଡ଼ରେ ଆଘାତ କରିଅଛ; ତୁମ୍ଭେ ଦୁଷ୍ଟମାନଙ୍କ ଦନ୍ତ ଭାଙ୍ଗି ପକାଇଅଛ ।

୮ ପରିତ୍ରାଣ ସଦାପ୍ରଭୁଙ୍କର ଅଧିକାର; ତୁମ୍ଭ ଲୋକମାନଙ୍କ ଉପରେ ତୁମ୍ଭର ଆଶୀର୍ବାଦ ବର୍ତ୍ତୁ ।

# ଆମେ ଯାହା ଦେଖିପାରୁ, ତାହାର ଊର୍ଦ୍ଧ୍ୱରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ କାର୍ଯ୍ୟ କରିପାରନ୍ତି !

## Our Lord Jesus Christ Can Work Beyond What You Can See!

*Sis. Angeline*



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ସଂପ୍ରସାରିତ ସଦସ୍ୟମାନଙ୍କ ପକ୍ଷରୁ ଆପଣମାନଙ୍କୁ ଅଭିବାଦନ । ଈଶ୍ୱର ନିଜର ଅନୁଗ୍ରହ ଦ୍ୱାରା ୨୦୨୬ର ଦ୍ୱିତୀୟାର୍ଦ୍ଧ ମଧ୍ୟକୁ ଅଗ୍ରସର ହେବାରେ ଆମକୁ ସାହାଯ୍ୟ କରିଛନ୍ତି । ତାଙ୍କର ଶାନ୍ତି, ସାନ୍ତ୍ୱନା, ପ୍ରଚୁର ଦୟା ଓ ଅନୁଗ୍ରହ ଯେପରି ଆପଣମାନଙ୍କ ପ୍ରତ୍ୟେକଙ୍କ ଉପରେ ଅଧିଷ୍ଠାନ କରିବ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି ।

ବାଇବଲ ଏଫିସୀୟ ୩:୨୦ ପଦଟି ସର୍ବଦା ମୋର ଅତି ପ୍ରିୟ ହୋଇ ରହିଛି । ''ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି ।''

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏତେ ଶକ୍ତିପୂର୍ଣ୍ଣ ଅଟନ୍ତି ଯେ ଆମର ସମସ୍ତ ପ୍ରତ୍ୟାଶାକୁ ଅତିକ୍ରମ କରି ଯାଆନ୍ତି । ଆମେ ଯାହା ଦେଖିପାରୁ ନାହୁଁ କିମ୍ବା କଳ୍ପନା କରିପାରୁ ନାହୁଁ, ତାହା ମଧ୍ୟ ସାଧନ କରିବା ପାଇଁ, ସେ ସମର୍ଥ

(ପରବର୍ତ୍ତୀଂଶ ୩ୟ ପୃଷ୍ଠାରେ)


ଆହ୍ୱାନର ପ୍ରତିଧ୍ୱନି



ଖ୍ରୀଷ୍ଟିଆନ ୟୁ-ଟ୍ୟୁବ୍ ଚ୍ୟାନେଲ !

ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ

ପ୍ରତିଦିନ ୨ ମିନିଟ୍‌ର ବାର୍ତ୍ତା

ଇଂରାଜୀ, ହିନ୍ଦୀ ଭାଷା – ସକାଳ ୧.୦୦ ସମୟରେ,

ତାମିଲ ଏବଂ ତେଲୁଗୁ ଭାଷା – ସକାଳ ୨.୦୦ ସମୟରେ

ଓ

ତାମିଲ, ଇଂରାଜୀ ବାର୍ତ୍ତା ଓ ପ୍ରାର୍ଥନା

ରବିବାର ଉପାସନା – ସକାଳ ୮.୩୦ ଏବଂ ସନ୍ଧ୍ୟା ୬.୦୦ ରେ

ଯଦି ଆପଣ ଆଶୀର୍ବାଦ ପାଉଛନ୍ତି, ତେବେ ଦୟାକରି ଏହାର ସଭ୍ୟ ହୁଅନ୍ତୁ ! ଆପଣ ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ଏ ବିଷୟରେ କଣାନ୍ତୁ !

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr. Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDIRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Sis. Sajini Cherian
Rev. Dr. J. John Rajarathnam, B.E.S., B.D., M.Th.
Rev. Dr. K.R. Rajasekaran
Adv. N. Balaji, B.Com., M.L.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293
Cell : (+91) 98410 71852, 98412 71858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

**"ତୁମ୍ଭେ ମୋହର ବିଳାପକୁ ନୃତ୍ୟରେ ପରିଣତ କରିଅଛ" (ଗୀତସଂହିତା ୩୦:୧୨) ।**

ପ୍ରଭୁରେ ପ୍ରିୟ ପରିବାର,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଅଭିବାଦନ ।

ଯୀଶୁ ଖ୍ରୀଷ୍ଟ ନିଜେ ଏହି ପ୍ରାକ୍-ସୂଚନା ଦେଇଥିଲେ ଯେ ଶେଷକାଳରେ ଯୁଦ୍ଧ, ସଂଗ୍ରାମର ଜନରବ, କଳହ, ଦୁର୍ଭିକ୍ଷ, ମହାମାରୀ, ଭୂମିକମ୍ପ, ବିଶ୍ୱାସୀମାନଙ୍କ ପ୍ରତି ତାଡ଼ନା, ନରହତ୍ୟା, ଈର୍ଷା, ଭଣ୍ଡ ଭାବବାଦୀ ଓ କ୍ରମବର୍ଦ୍ଧିଷ୍ଣୁ ଅରାଜକତା ଦେଖା ଦେବ" (ମାଥିଉ ୨୪:୩-୧୨) । ଆମେ ଆଜିର ଜଗତରେ ଏହି ଘଟଣାଗୁଡ଼ିକ ଘଟୁଥିବାର ଦେଖୁଅଛୁ ଓ ସେଥିପାଇଁ ଆମକୁ ସମୟର ଗୁରୁତ୍ୱ ବିଷୟରେ ସ୍ମରଣ କରାଇ ଦିଆଯାଉଛି ।

ଅତଏବ, ଆମ ନିକଟରେ ସୁଯୋଗ ଥାଉ ଥାଉ, ଆସନ୍ତୁ, ଆମେ ଧର୍ମଶାସ୍ତ୍ରର ପରାମର୍ଶକୁ ବିଶ୍ୱସ୍ତ ଭାବରେ ଗ୍ରହଣ କରିବା :

"ବାକ୍ୟ ପ୍ରଚାର କର, ସମୟରେ କି ଅସମୟରେ ସେଥିରେ ଉଦ୍‌ଯୋଗୀ ହୁଅ । ପୂର୍ଣ୍ଣ ସହିଷ୍ଣୁତା ସହ ଶିକ୍ଷା ଦେଇ ଅନୁଯୋଗ କର, ପୁଣି ଧମକ ଓ ଉତ୍ସାହ ଦାନ କର" (୨ ତୀମଥି ୪:୨) ।

ଆମକୁ ଏହି ସ୍ୱର୍ଗୀୟ ଦାୟିତ୍ୱଗୁଡ଼ିକ ପ୍ରତି ମନୋଯୋଗୀ ହେବାକୁ ପଡ଼ିବ ।

ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେ ଆମର ସମସ୍ତ ସେବାକାର୍ଯ୍ୟରେ ତାଙ୍କର ପ୍ରଚୁର ଆଶୀର୍ବାଦର ଅନୁଭୂତି ପାଇ ଚାଲିଛୁ । ଏକକାଳୀନ ଭାବରେ ଏତେଗୁଡ଼ିଏ ସେବାକାର୍ଯ୍ୟକୁ ଚଳାଇବା କିପରି ସମ୍ଭବ ହେଉଛି, ବୋଲି ଅନେକେ ଆଶ୍ଚର୍ଯ୍ୟ ହୁଅନ୍ତି । ମାତ୍ର ଈଶ୍ୱରଙ୍କ ପ୍ରଦତ୍ତ ଶକ୍ତି ଓ ଅନୁଗ୍ରହ ଦ୍ୱାରା, କୌଣସି ଦାୟିତ୍ୱକୁ ଅବହେଳା ନ କରି, ଆମ ପ୍ରତି ସମର୍ପିତ ପ୍ରତ୍ୟେକ ସେବାକାର୍ଯ୍ୟର ସଂପାଦନ ପାଇଁ ଆମେ ସମର୍ଥ ଅଟୁ । କେବଳ ତାଙ୍କ ପ୍ରତି ସମସ୍ତ ଗୌରବ ହେଉ ।

ଆମେ ଖୁସିର ସହିତ ଏହା ଜଣାଉଅଛୁ ଯେ ଈଶ୍ୱରଙ୍କ ଅନୁଗ୍ରହରୁ ଚେପକ୍ ଓ ସତ୍ତୋପସ୍ଥଳମରେ ଥିବା ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ଓ ନିହିମିୟା ବାଇବଲ କଲେଜ, ଜୁନ୍ ୧ ତାରିଖରେ ସେମାନଙ୍କର ତାମିଲ ପାଠ ପଢ଼ାକୁ ଓ ଜୁଲାଇ ୬ରେ ସେମାନଙ୍କର ହିନ୍ଦୀ ପାଠ ପଢ଼ାକୁ ପୁଣିଥରେ ଆରମ୍ଭ କରିବେ । ଏହା ସହିତ, ନିହିମିୟା ବାଇବଲ କଲେଜର ଉପାଧି ପ୍ରଦାନ ଉତ୍ସବ ୨୦୨୬ ଜୁଲାଇ ୪ରେ ଅନୁଷ୍ଠିତ ହେବ ।

ଯଦିଓ ଆମେ ପ୍ରାୟ ପ୍ରଚୁର ଦାୟିତ୍ୱ ଓ କଠିନ କାର୍ଯ୍ୟଭାର ଦ୍ୱାରା ଭାରଗ୍ରସ୍ତ ହେଉ, ତଥାପି ଈଶ୍ୱର ଆମର ଦାୟିତ୍ୱଗୁଡ଼ିକୁ ସଫଳ ଭାବରେ ସଂପୂର୍ଣ୍ଣ କରିବା ପାଇଁ ଆମକୁ ଶକ୍ତି ଦେଇ ଚାଲିଛନ୍ତି ।

ଏହି ସେବାକାର୍ଯ୍ୟଗୁଡ଼ିକୁ ଫଳପ୍ରଦଭାବରେ ଅଗ୍ରସର କରାଇବା ପାଇଁ, ଆମେ ଦର୍ଶନପ୍ରାପ୍ତ, ବିଶ୍ୱସ୍ତ ଓ ସମର୍ପିତ କାର୍ଯ୍ୟକାରୀମାନଙ୍କୁ ଆବଶ୍ୟକ କରୁଅଛୁ । ଆମେ ଇଂରାଜୀ ଓ ହିନ୍ଦୀରେ ଦକ୍ଷତା ରଖୁଥିବା ସହକାରୀ ଅଧ୍ୟକ୍ଷ, ଶିକ୍ଷକ, ପରିଚାଳକ, ସେକ୍ରେଟାରୀ, ଅଫିସ କର୍ମଚାରୀ, ଛାପାକଳ କର୍ମଚାରୀ, ଅଫିସ ସହକାରୀ, ସଫେଇ କର୍ମଚାରୀ, ମହିଳା ରୋଷେଇୟା, ସୁରକ୍ଷାକର୍ମୀ, ଡ୍ରାଇଭର ଓ ସେବାକାର୍ଯ୍ୟ ପାଇଁ ଏକ ବିଶେଷ ଆହ୍ୱାନ ପାଇଥିବା ପାଳକମାନଙ୍କୁ ଆବଶ୍ୟକ କରୁଅଛୁ ।

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

''...ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ, ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇ ଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର'' (ମାଥିଉ ୯:୩୭-୩୮) ।

ଉପାଧି ପ୍ରଦାନ ଉତ୍ସବ ବିଷୟରେ ଓ ଆଗାମୀ ୨୦୨୬-୨୦୨୭ ଶିକ୍ଷାବର୍ଷ ବିଷୟରେ ଆଲୋଚନା କରିବା ପାଇଁ, ୧୬/୦୫/୨୦୨୬ରେ ନିହିମିୟା ବାଇବଲ କଲେଜର ଅଧ୍ୟାପକମାନଙ୍କର ସଭା ଅନୁଷ୍ଠିତ ହୋଇଥିଲା ।



୦୪/୦୬/୨୦୨୬ରେ ନିହିମିୟା ବାଇବଲ କଲେଜରୁ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା କେତେ ଜଣ ଛାତ୍ର ଛାତ୍ରୀ ।

ଆମେ ବିଶ୍ୱସ୍ତଭାବରେ, ଉଦ୍‌ଯୋଗପୂର୍ଣ୍ଣ ଭାବରେ ଓ ଇଶ୍ୱରଙ୍କ ଭୟରେ ସେବା କରିବା ପାଇଁ ଚେଷ୍ଟା କରୁଥିବା ସମୟରେ, ବିନମ୍ରତାର ସହିତ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଅନୁରୋଧ କରୁଅଛୁ ।

ଆପଣମାନଙ୍କର ସମସ୍ତ ଆବଶ୍ୟକତା ଯେପରି ତାଙ୍କର ଗୌରବ ନିଧି ଅନୁସାରେ ପୂରଣ ହେବ, ଏଥିପାଇଁ ଆମେ ଆପଣମାନଙ୍କ ନିମନ୍ତେ ଓ ଆପଣମାନଙ୍କର ପରିବାରଗୁଡ଼ିକ ନିମନ୍ତେ ପ୍ରାର୍ଥନା କରୁଅଛୁ ।

ଅନୁଗ୍ରହ ଆପଣମାନଙ୍କ ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ଭାଇ,

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍‌ଭରାଜ

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଅଟନ୍ତି । ସେ ଆମ ପ୍ରତିକୂଳ ପରିସ୍ଥିତିଗୁଡ଼ିକୁ ଆମ ସପକ୍ଷରେ ଆଶୀର୍ବାଦରେ ପରିଣତ କରିପାରନ୍ତି । ଆପଣମାନେ ବର୍ତ୍ତମାନ କେଉଁ ପରିସ୍ଥିତି ମଧ୍ୟ ଦେଇ ଯାଉଛନ୍ତି, ତାହା ହୁଏତ ମୁଁ ଜାଣି ନାହିଁ । ମାତ୍ର ମୁଁ ଆପଣମାନଙ୍କୁ ଏହି ଭରସା ଦେବା ପାଇଁ ଇଚ୍ଛା କରେ ଯେ ଆପଣମାନଙ୍କର ବିନିଦ୍ର ରାତ୍ରିର କାରଣଗୁଡ଼ିକୁ ମଧ୍ୟ ମଙ୍ଗଳରେ ପରିଣତ କରିବା ପାଇଁ ସମସ୍ତ ଘଟଣାକୁ ଏକତ୍ର କାର୍ଯ୍ୟକାରୀ କରିବାରେ ଯୀଶୁ ଖ୍ରୀଷ୍ଟ ଯଥେଷ୍ଟ ଶକ୍ତିଶାଳୀ ଅଟନ୍ତି ।

ହାଗୟ ୨:୬ ରେ ଲେଖାଯାଇଛି :

''କାରଣ ସୈନ୍ୟାଧିପତି ସଦାପ୍ରଭୁ ଏହି କଥା କହନ୍ତି, ଆଉଥରେ ଅଳ୍ପ କାଳ ମଧ୍ୟରେ ଆମ୍ଭେ ଆକାଶମଣ୍ଡଳ ଓ ପୃଥିବୀ ଓ ସମୁଦ୍ର ଓ ଶୁଷ୍କଭୂମିକୁ ହଲାଇବା ।''



... ଅଳ୍ପ କାଳ ମଧ୍ୟରେ, ଆମ୍ଭେ ଆକାଶମଣ୍ଡଳ ଓ ପୃଥିବୀକୁ ... ହଲାଇବା ।

ଈଶ୍ୱର ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ଆକାଶମଣ୍ଡଳ ଓ ପୃଥିବୀକୁ ହଲାଇବା ପାଇଁ ସମର୍ଥ ଅଟନ୍ତି । ଆପଣ କଳ୍ପନା କରି ପାରୁଛନ୍ତି କି ? ବିଶ୍ୱର ସୃଷ୍ଟିକର୍ତ୍ତା ମୋର ଓ ଆପଣଙ୍କର ସପକ୍ଷରେ ସମସ୍ତ ବିଷୟକୁ ଗତିଶୀଳ କରିପାରନ୍ତି ।

ପ୍ରିୟ ଭାଇ ଓ ଭଉଣୀମାନେ, ଶୟତାନ ପ୍ରାୟତଃ, ଆମ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ସଫଳ ହେବାକୁ ନ ଦେବା ପାଇଁ ଆମକୁ ବିଭ୍ରାନ୍ତ କରେ । ସେ ଆମର ଦୃଷ୍ଟିକୁ ଗୁରୁତ୍ୱହୀନ ବିଷୟ ଉପରେ ନିବଦ୍ଧ କରାଏ । ସେ ଏହା କିପରି କରେ ? ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସମସ୍ୟାଗୁଡ଼ିକୁ ଆରମ୍ଭ କରିବା ଦ୍ୱାରା ।

ଯେତେବେଳେ ଈଶ୍ୱର ଆମକୁ ବାହ୍ୟ ଯୁଦ୍ଧଗୁଡ଼ିକର ସମ୍ମୁଖୀନ ହେବା ପାଇଁ ଆହ୍ୱାନ କରନ୍ତି, ସେତେବେଳେ ଶତ୍ରୁ ଭିତରେ, ଅର୍ଥାତ୍ ମଣ୍ଡଳୀ ଓ ପରିବାର ଭିତରେ ବିଶୃଙ୍ଖଳା ସୃଷ୍ଟି କରେ । ଏହା ଫଳରେ, ଆମର ଦୃଷ୍ଟି ଭ୍ରଷ୍ଟ ହୁଏ । ବାହାରର ଅଗ୍ନିକୁ ନିର୍ବାପିତ କରିବା ପରିବର୍ତ୍ତେ, ଆମେ ଆମ ନିଜ ନିଜର ଗୃହ ମଧ୍ୟରେ ଅଗ୍ନିକୁ ନିର୍ବାପିତ କରିବାରେ ଲାଗିଥାଉ । ସେ ଆମ ନିଜର ପରିବାର ସଦସ୍ୟମାନଙ୍କୁ କିମ୍ବା ସହ ବିଶ୍ୱାସୀମାନଙ୍କୁ ଶତ୍ରୁ ଭାବରେ ଦେଖିବା ପାଇଁ ଆମକୁ ପ୍ରବଞ୍ଚିତ କରେ, ମାତ୍ର ବାସ୍ତବ ଶତ୍ରୁ ଏକ ଗର୍ଜନକାରୀ ସିଂହ ସଦୃଶ ବାହାରେ ଅପେକ୍ଷା କରିଥାଏ ।





# ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
**10, Mohammed Abdullah 2nd Street, Chepauk, Chennai-600 005, India**
**Cell: (+91) 98412 71858 / 98410 71858 E.mail: sam@echoofhiscall.org**




ଯେତେବେଳେ ଈଶ୍ୱର ତାହାର ସୁନ୍ଦର ମନ୍ଦିର ହେବା ପାଇଁ ଆମକୁ ଆହ୍ୱାନ କରନ୍ତି, ସେତେବେଳେ ଶତ୍ରୁ ଭିତରେ ... ବିଶୃଙ୍ଖଳା ସୃଷ୍ଟି କରେ ।

ଇସ୍ରାଏଲୀୟମାନଙ୍କୁ କିପରି ୭୦ ବର୍ଷର ବନ୍ଦୀତ୍ୱ ପରେ, ଈଶ୍ୱରଙ୍କ ଇଚ୍ଛା ସଫଳ କରିବା ପାଇଁ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ଆହ୍ୱାନଗୁଡ଼ିକୁ ପରାସ୍ତ କରିବାକୁ ପଡ଼ିଥିଲା, ସେହି ବିଷୟ ଉଭୟ ଏଜ୍ରା ଓ ହାଗୟ ପୁସ୍ତକରେ ବର୍ଣ୍ଣିତ ଅଛି । ଏହି ସଂଘର୍ଷଗୁଡ଼ିକ ମାଧ୍ୟମରେ, ସେମାନେ ସେମାନଙ୍କ ପ୍ରତ୍ୟାଶାର ଉର୍ଦ୍ଧ୍ୱରେ ଈଶ୍ୱରଙ୍କୁ କାର୍ଯ୍ୟ କରୁଥିବାର ଦେଖିଥିଲେ ।

ବାହ୍ୟ ଆହ୍ୱାନଗୁଡ଼ିକ (ଏଜ୍ରା ୫ ଅଧ୍ୟାୟ)

ସମୟରେ ଅତିରିକ୍ତ ବାହ୍ୟ ଚାପର ସମ୍ମୁଖୀନ ହୋଇଥିଲେ :



ଲୋକମାନେ ମନ୍ଦିରର ପୁନର୍ନିର୍ମାଣ ସମୟରେ ଅତିରିକ୍ତ ବାହ୍ୟ ଚାପର ସମ୍ମୁଖୀନ ହୋଇଥିଲେ ।

- ନିରନ୍ତର ଅଭିଯୋଗ ଓ ବିରୋଧ
- ସେମାନଙ୍କ ଅଧିକାର ସମ୍ବନ୍ଧରେ ପ୍ରତିବେଶୀ କର୍ତ୍ତୃପକ୍ଷମାନଙ୍କର ଅନଧିକାର ପ୍ରଶ୍ନ ।
- ରାଜନୈତିକ ଯାଞ୍ଚ, କାରଣ ରାଜା ଦାରିୟାବସ୍ ରାଜା ସାଇରସ (କୋରସ)ଙ୍କର ଆଦେଶର ଚିଠି ନିଶ୍ଚିତ ଅନୁସନ୍ଧାନ କରିଥିଲେ ।

ଆଭ୍ୟନ୍ତରୀଣ ଆହ୍ୱାନ (ହାଗୟ)

ସେହି ସମାନ ସମୟରେ, ସେମାନେ ଆଭ୍ୟନ୍ତରୀଣ ସଂଘର୍ଷଗୁଡ଼ିକର ସମ୍ମୁଖୀନ ହୋଇଥିଲେ ।



ରାଜା ଦାରିୟାବସ ରାଜା ସାଇରସଙ୍କର ଆଦେଶର ଚିଠିନିଶ୍ଚିତ ଅନୁସନ୍ଧାନ କରିଥିଲେ ।

- ପୂର୍ବତନ ମନ୍ଦିର ସହିତ ନିରନ୍ତର ତୁଳନା
- ଏହାଫଳରେ ନୈରାଶ୍ୟ, ଭୟ ଓ ନିରୁତ୍ସାହ ଉତ୍ପନ୍ନ ହୋଇଥିଲା ।

ଏଗୁଡ଼ିକ ଅତି ପରିଚିତ ମନେହେଉଛି କି ?

- ଯେତେବେଳେ ଆମେ ଈଶ୍ୱରଙ୍କର ନିକଟତର ହେବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଉ ।
- ଯେତେବେଳେ ଆମେ ତାଙ୍କର ସନ୍ତୋଷଜନକ ଜୀବନ ଜୀଇଁବାକୁ ଚାହୁଁ ।
- ଯେତେବେଳେ ଆମେ ଆମ ଜୀବନ ପାଇଁ ଥିବା ତାଙ୍କର ଆହ୍ୱାନକୁ ସଫଳ କରିବାକୁ ଚେଷ୍ଟା କରୁ ସେତେବେଳେ ଆମେ କ'ଣ ସମାନ ପ୍ରକାରର ଆଭ୍ୟନ୍ତରୀଣ ଓ ବାହ୍ୟ ଚାପଗୁଡ଼ିକର ସମ୍ମୁଖୀନ ହେଉ ନାହୁଁ ?


ଆମ ମଧ୍ୟରୁ କେତେ ଜଣ ଏହି ସମସ୍ତ ବିଭ୍ରାନ୍ତି ସତ୍ତ୍ୱେ ଅଗ୍ରସର ହୋଇଛନ୍ତି ? ପୁଣି କେତେ ଜଣ ସେମାନଙ୍କର ଈଶ୍ୱର-ପ୍ରଦତ୍ତ ସ୍ୱପ୍ନ ଓ ଆହ୍ୱାନଗୁଡ଼ିକୁ ପରିତ୍ୟାଗ କରିଛନ୍ତି ?

ଈଶ୍ୱର ଆଜି ଆମକୁ ସ୍ମରଣ କରାଇ ଦେଉଛନ୍ତି : ଆମେ ଏପରି ଜଣେ ଈଶ୍ୱରଙ୍କର ସେବା କରୁ ଯିଏ ଆମ ଜୀବନରେ ତାଙ୍କର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ସମଗ୍ର ପୃଥିବୀକୁ ହଲାଇ ପାରନ୍ତି । ପ୍ରଶ୍ନ ହେଉଛି– ଆମେ ଇଚ୍ଛା କରୁଛୁ କି ?

## ୧. ଆଭ୍ୟନ୍ତରୀଣ ଆହ୍ୱାନଗୁଡ଼ିକ

ଯେତେବେଳେ ଇସ୍ରାଏଲୀୟମାନେ ମନ୍ଦିରର ପୁନର୍ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ସେତେବେଳେ ସେମାନେ ତୁଳନା କରିବାର ମନୋଭାବ ସହିତ ସଂଘର୍ଷ କରିଥିଲେ । ଆମର ବୟସ, ଲିଙ୍ଗ କିମ୍ବା ଜାତୀୟତା ଯାହା ହୋଇଥିଲେ ମଧ୍ୟ ଆମେ ଏହାକୁ ଉପଲବ୍ଧି ନ କରି ଏହିସବୁର ସମ୍ମୁଖୀନ ହୋଇଥାଉ ।

ଆମେ ଆମ ଜୀବନକୁ, ଅନ୍ୟମାନଙ୍କର ଜୀବନ ସହିତ, ଅର୍ଥାତ୍ ଆମର ଗୃହ, ଗାଡ଼ି, ଚାକିରୀ, ବେତନ, ପତି କିମ୍ବା ପତ୍ନୀ, ଶିକ୍ଷା, ସନ୍ତାନ ସନ୍ତତିମାନଙ୍କୁ ଏପରିକି ଆମ ସେବା କାର୍ଯ୍ୟକୁ ସେମାନଙ୍କର ଏହି ସମସ୍ତ ବିଷୟ ସହିତ ତୁଳନା କରୁ । ଏହିପରି କରିବାରେ, ଈଶ୍ୱର କିପରି କେତେ ଅସାଧାରଣ ଭାବରେ ତାଙ୍କ ସ୍ୱର୍ଗୀୟ ଯୋଜନାର ଅଂଶ ବିଶେଷ ଭାବରେ ଆମ ପ୍ରତ୍ୟେକଙ୍କୁ ସୃଷ୍ଟି କରିଛନ୍ତି, ତାହା ଚିହ୍ନିବାରେ ଆମେ ବିଫଳ ହେଉ ।



ଆମେ ଆମର ଜୀବନକୁ ଅନ୍ୟମାନଙ୍କ ଜୀବନ ସହିତ ତୁଳନା କରୁ ।

ବାହ୍ୟ ଶତ୍ରୁମାନଙ୍କର ସମ୍ମୁଖୀନ ହେବା ପୂର୍ବରୁ, ଇସ୍ରାଏଲୀୟମାନଙ୍କୁ ସେମାନଙ୍କ ନିଜ ନିଜ ଭିତରେ ଚାଲିଥିବା ଯୁଦ୍ଧକୁ ନିୟନ୍ତ୍ରଣ କରିବାକୁ ପଡ଼ିଥିଲା । ସେମାନେ ନୂତନ ମନ୍ଦିରକୁ ପୂର୍ବତନ ମନ୍ଦିର ସହିତ ତୁଳନା କରୁଥିଲେ ଓ ଉଭୟ ସେମାନଙ୍କ କାର୍ଯ୍ୟ ଓ ଈଶ୍ୱର ସେମାନଙ୍କ ନିମନ୍ତେ ଯାହା କରି ସାରିଛନ୍ତି, ଅର୍ଥାତ୍ ସେମାନଙ୍କୁ କିପରି ବନ୍ଦୀତ୍ୱରୁ ଫେରାଇ ଆଣିବାରେ ଓ ବିଧର୍ମୀରାଜା ସାଇରସ ଓ ଦାରିୟାବସଙ୍କଠାରୁ ଦୟା ପାଇବାରେ ସାହାଯ୍ୟ କରିଛନ୍ତି, ଏଗୁଡ଼ିକୁ ସେମାନେ ଗୁରୁତ୍ୱ ଦେଉ ନ ଥିଲେ । ଏହି କାରଣରୁ, ସେମାନେ ଈଶ୍ୱରଙ୍କ ଆଶ୍ଚର୍ଯ୍ୟଜନକ କାର୍ଯ୍ୟକୁ ଭୁଲି ଯାଇଥିଲେ । ଯେତେବେଳେ ଆମେ ତୁଳନା କରୁ, ସେତେବେଳେ ଆମେ ଅକୃତଜ୍ଞ ହୋଇଯାଉ । ଏହା ନିରୁତ୍ସାହ, ନୈରାଶ୍ୟ ଓ ମାନସିକ ବିଷାଦ ଦିଗକୁ କଢ଼ାଇ ନିଏ ।

"ଏହି ଗୃହକୁ ତାହାର ପୂର୍ବ ଐଶ୍ୱର୍ଯ୍ୟାବସ୍ଥାରେ ଯେ ଦେଖିଲା, ତୁମ୍ଭମାନଙ୍କ ମଧ୍ୟରେ ଏପରି ଅବଶିଷ୍ଟ କିଏ ଅଛି ? (ହାଗୟ ୨:୩) ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ଜୁଲାଇ ୧୯ ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଜୁଲାଇ ୧୯ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୦ ⇨ ଆମର ମୁଖ୍ୟ ମଣ୍ଡଳୀ ସହିତ ଅଧିକ ନୂତନ ବିଶ୍ୱାସୀଙ୍କୁ ଯୋଗ କରିଥିବାରୁ ।

ଜୁଲାଇ ୨୧ ⇨ ଆମର ଆବାସିକ ଓ ସାନ୍ଧ୍ୟ ମିଶିମିୟା କଲେଜର ପାଠ୍ୟକ୍ରମ ନିମନ୍ତେ ନୂତନ ଛାତ୍ରଛାତ୍ରୀଙ୍କୁ ଯୋଗାଇଥିବାରୁ ।

ଜୁଲାଇ ୨୨ ⇨ ଆମର "ଗ୍ଲୋବାଲ୍ ଭିଜନ୍ ଫର୍ ଦି ୟୁଥ୍ ଏଣ୍ଡ କିଡ୍ କେୟାର ମିନିଷ୍ଟ୍ରି"କୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୩ ⇨ ଅପହଞ୍ଚ ଅଞ୍ଚଳଗୁଡ଼ିକରେ ସୁସମାଚାର ପ୍ରଚାର ନିମନ୍ତେ ଆମକୁ ସାମର୍ଥ୍ୟ ଦେଇଥିବାରୁ ।

ଜୁଲାଇ ୨୪ ⇨ ଆମର ମିଶନ କାର୍ଯ୍ୟକାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଅତିରିକ୍ତ ସମର୍ପଣ ନିମନ୍ତେ ।

ଜୁଲାଇ ୨୫ ⇨ ୧୯୬୯ରୁ ଆମର ପତ୍ରିକା ସେବାକାର୍ଯ୍ୟ ଉପରେ ତାଙ୍କର ପ୍ରଚୁର ଆଶୀର୍ବାଦ ନିମନ୍ତେ ।

ଜୁଲାଇ ୨୬ ⇨ ବାଲାଜୀ ନଗର, ସନ୍ତୋଷପୁରମ୍ ଓ ଜୋଲାରପେଟ୍ଟାଇରେ ଆମର ରବିବାର ଉପାସନାରେ ଯୋଗ ଦେଉଥିବା ନୂତନ ବିଶ୍ୱାସୀମାନଙ୍କ ନିମନ୍ତେ ।

ଜୁଲାଇ ୨୭ ⇨ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ପହଞ୍ଚୁଥିବା ଆମର ୟୁ-ଟ୍ୟୁବ୍ ସେବାକାର୍ଯ୍ୟର ୫ ମିନିଟର ବାର୍ତ୍ତାକୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୨୮ ⇨ ଆମର ସୁସମାଚାର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ମାଧ୍ୟମରେ ଏହାର ନିରନ୍ତର କାର୍ଯ୍ୟ ନିମନ୍ତେ ।

ଜୁଲାଇ ୨୯ ⇨ ରେଣ୍ଡପଲ୍ଲେ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ, ମିଶିମିୟା ବାଇବଲ କଲେଜ ଓ ଥିଓଲୋଜିକାଲ୍ କରେସ୍ପଣ୍ଡେନ୍ସ ପାଠ୍ୟକ୍ରମର ସମସ୍ତ କାର୍ଯ୍ୟ ନିମନ୍ତେ ।

ଜୁଲାଇ ୩୦ ⇨ ଆମର ରାଜ୍ୟ-ସଂଯୋଜକ ଓ ସେମାନଙ୍କ ନେତୃତ୍ୱ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩୧ ⇨ ଆମର ଦେଶଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

ଅଗଷ୍ଟ ୧ ⇨ ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ ଓ ତାଙ୍କ ପରିବାରକୁ ପ୍ରଚୁର ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨ ⇨ ଆମର ସହାୟତାକାରୀମାନଙ୍କର ପ୍ରାର୍ଥନା ଓ ବିଶ୍ୱସ୍ତ ଅର୍ଥ ସହାୟତା ନିମନ୍ତେ ।

ଅଗଷ୍ଟ ୩ ⇨ ଆମର କାର୍ଯ୍ୟକାରୀମାନଙ୍କର ପରିବାରଗୁଡ଼ିକୁ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଅଗଷ୍ଟ ୪ ⇨ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପ୍ରଚାର ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିବା ପାଇଁ ।

ଅଗଷ୍ଟ ୫ ⇨ ସମସ୍ତ ଧର୍ମର ଲୋକମାନଙ୍କ ମଧ୍ୟରେ ଏକତା ଓ ମିଳନ ପାଇଁ ।

ଅଗଷ୍ଟ ୬ ⇨ ଈଶ୍ୱରଙ୍କ ସାକ୍ଷାତରେ ସମସ୍ତ ଦେଶ ମଧ୍ୟରେ ସତ୍ୟ ନିଷ୍ଠା ନିମନ୍ତେ ।

ଅଗଷ୍ଟ ୭ ⇨ ସମଗ୍ର ଜଗତରେ ଯେପରି ଶାନ୍ତି ପ୍ରତିଷ୍ଠା ହେବ ।

ଅଗଷ୍ଟ ୮ ⇨ ସମସ୍ତ ଖ୍ରୀଷ୍ଟିୟାନ ଅନୁଷ୍ଠାନ ଓ ସେବାକାର୍ଯ୍ୟ ନିମନ୍ତେ ।

ଅଗଷ୍ଟ ୯ ⇨ ଆମେ ଆମ ସେବାକାର୍ଯ୍ୟର ୫୮ ତମ ବର୍ଷ ମଧ୍ୟରେ ପ୍ରବେଶ କରିବା ପାଇଁ ଈଶ୍ୱରଙ୍କର ଆଶୀର୍ବାଦ ପାଇଥିବାରୁ ।

ଅଗଷ୍ଟ ୧୦ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜଙ୍କର ଯୋଜନା ଉପରେ ଈଶ୍ୱରଙ୍କର ଚାଳନା ଓ ଆଶୀର୍ବାଦ ରହିଥିବାରୁ ।

ଅଗଷ୍ଟ ୧୧ ⇨ ଆମ ମିଶନ କ୍ଷେତ୍ର ଗୁଡ଼ିକରେ କାର୍ଯ୍ୟ କରୁଥିବା କାର୍ଯ୍ୟକାରୀମାନଙ୍କ ନିମନ୍ତେ ।

ଅଗଷ୍ଟ ୧୨ ⇨ ନିଜ ଆତ୍ମ-ଜୀବନୀ ଲେଖାରେ ଆମ ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ ।

ଅଗଷ୍ଟ ୧୩ ⇨ ଋଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ଶେଷ ନିମନ୍ତେ ।

ଅଗଷ୍ଟ ୧୪ ⇨ ସମଗ୍ର ପୃଥିବୀରେ ସ୍ଥାୟୀ ଶାନ୍ତି ନିମନ୍ତେ ।

ଅଗଷ୍ଟ ୧୫ ⇨ ଆମ ସହ-ସଂଯୋଜକ ଓ ପାଳକମାନଙ୍କ ପାଇଁ ନୂତନ ଶକ୍ତି ଓ ଉତ୍ସାହ ନିମନ୍ତେ ।

ଅଗଷ୍ଟ ୧୬ ⇨ ପରିବାରଗୁଡ଼ିକୁ ବିଭାଜିତ କରିବା ପାଇଁ ଚେଷ୍ଟା କରୁଥିବା ଶୟତାନର କୁକାର୍ଯ୍ୟର ବିନାଶ ନିମନ୍ତେ ।

ଅଗଷ୍ଟ ୧୭ ⇨ ଛୁଟିଦିବସୀୟ ବାଇବଲ ସ୍କୁଲ (ଭିବିଏସ୍) ସମୟରେ ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମର ସ୍ପର୍ଶ ପାଇଥିବା ଶହ ଶହ ପିଲା ଯେପରି ପ୍ରଭୁରେ ସ୍ଥିର ରହିବେ ଓ ବିଶ୍ୱସ୍ତ ଭାବରେ ମଣ୍ଡଳୀରେ ଯୋଗ ଦେବେ ।

ଅଗଷ୍ଟ ୧୮ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ ଓ ତାଙ୍କ ପରିବାର ଯେପରି ପ୍ରତ୍ୟେକ ମନ୍ଦ ଶକ୍ତିରୁ ଈଶ୍ୱରଙ୍କର ସୁରକ୍ଷା ପ୍ରାପ୍ତ ହେବେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)



ଏହି ଗୃହକୁ ତାହାର ପୂର୍ବ ଐଶ୍ୱର୍ଯ୍ୟାବସ୍ଥାରେ ଯେ ଦେଖିଲା, ତୁମ୍ଭମାନଙ୍କ ମଧ୍ୟରେ ଅବଶିଷ୍ଟ କିଏ ଅଛି ?

◈ ନୂତନ ମନ୍ଦିର କ୍ଷୁଦ୍ର ମନେ ହେଉଥିଲା ।

◈ ସଂସାଧନ ସୀମିତ ଥିଲା ।

◈ ଶଲୋମନଙ୍କ ମନ୍ଦିରର ଐଶ୍ୱର୍ଯ୍ୟ ସେମାନଙ୍କର ବର୍ତ୍ତମାନର କାର୍ଯ୍ୟକୁ ନିଷ୍ପ୍ରଭ କରି ଦେଉଥିଲା ।

ବାଇବଲରେ ଲେଖାଅଛି ଯେ ସେମାନେ ଦୁଇଟି ସ୍ୱର ଶୁଣିଥିଲେ ।

୧. ପ୍ରଥମ ମନ୍ଦିର ଦେଖିଥିବା ଲୋକମାନଙ୍କର ସ୍ୱର – ଏହା ଏକ ଦୁଃଖ ଓ ଯନ୍ତ୍ରଣାର କ୍ରନ୍ଦନ ଥିଲା କାରଣ ସେମାନେ ବର୍ତ୍ତମାନର ଗୃହକୁ ବହୁ ବର୍ଷ ପୂର୍ବେ ଦେଖିଥିବା ଐଶ୍ୱର୍ଯ୍ୟପୂର୍ଣ୍ଣ ଗୃହ ସହିତ ତୁଳନା କରୁଥିଲେ ।

୨. ବର୍ତ୍ତମାନ ଯୁଗର ସ୍ୱର, ଏହା ସେମାନଙ୍କ ଉଲ୍ଲେଖନୀୟ କୃତିତ୍ୱ ଯୋଗୁ ଆନନ୍ଦ ଧ୍ୱନି ଥିଲା ଯଦିଓ ଶେଷ ସ୍ୱର ପ୍ରଥମ ସ୍ୱରକୁ ଚପି ଯାଉଥିଲା, ତଥାପି ଦୁଃଖର ସ୍ୱର ଅଧିକ ଜୋର୍‌ରେ ପ୍ରତିଧ୍ୱନିତ ହେଉଥିଲା ।

ମାତ୍ର ନିରୁତ୍ସାହର ସ୍ୱର ଅଧିକ ଉଚ୍ଚ ଥିଲା ।

କିନ୍ତୁ ଏହା ପୁସ୍ତକର ୬ ଅଧ୍ୟାୟ ଏକ ଗଭୀରତର ସତ୍ୟକୁ ପ୍ରକାଶ କରିଛି : ପୂର୍ବତନ ମନ୍ଦିରରେ ଶଲୋମନଙ୍କର ଧନ ଥିଲା, ମାତ୍ର ଏଥିରେ ଈଶ୍ୱରଙ୍କର ଶ୍ରେଷ୍ଠତର ଉଦ୍ଦେଶ୍ୟ ରହିଥିଲା :

◈ ବିଧର୍ମୀ ରାଜାମାନଙ୍କଠାରୁ ଅପ୍ରତ୍ୟାଶିତ ସାହାଯ୍ୟ ଆସିଥିଲା ।

◈ କାର୍ଯ୍ୟଟି ସ୍ୱର୍ଗୀୟ ଅଧିକାର ଅଧୀନରେ ସଂପୂର୍ଣ୍ଣ ହୋଇଥିଲା ।

◈ ରାଜାଙ୍କ ଦ୍ୱାରା ସୁରକ୍ଷା ମିଳିଥିଲା ।

◈ ଉପାସନା ପୁନର୍ବାର ଆରମ୍ଭ ହୋଇଥିଲା ।



ସର୍ବଶକ୍ତିମାନ ସଦାପ୍ରଭୁ କହନ୍ତି, ଏହି ବର୍ତ୍ତମାନ ଗୃହର ଗୌରବ ପୂର୍ବ ଗୃହର ଗୌରବ ଅପେକ୍ଷା ଅଧିକ ହେବ ।

◈ ଶାନ୍ତି ଓ ସ୍ଥିରତା ଫେରି ଆସିଥିଲା ।

"ଏହି ଗୃହର ପୂର୍ବକାଳର ଐଶ୍ୱର୍ଯ୍ୟ ଅପେକ୍ଷା ଶେଷକାଳର ଐଶ୍ୱର୍ଯ୍ୟ ଗୁରୁତର ହେବ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି..." (ହାଗୟ ୨:୯) ।

ଏହି ଶ୍ରେଷ୍ଠତର ଐଶ୍ୱର୍ଯ୍ୟ ଆକାର କିମ୍ବା ସ୍ୱର୍ଣ୍ଣ ସମ୍ବନ୍ଧୀୟ ନ ଥିଲା । ଏହା ନିମ୍ନଲିଖିତ ବିଷୟ ସମ୍ବନ୍ଧୀୟ ଥିଲା :

◈ ପ୍ରତିକୂଳ ପରିସ୍ଥିତିରେ ଈଶ୍ୱରଙ୍କର ବିଶ୍ୱସ୍ତତା ଏକ ବିନମ୍ର ଓ ବାଧ୍ୟ ଲୋକମାନଙ୍କ ମଧ୍ୟରେ ତାଙ୍କର ଉପସ୍ଥିତି ।

◈ ପୁଣି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ, ଯୀଶୁ ଖ୍ରୀଷ୍ଟ ନିଜେ ଦିନେ ଏହି ମନ୍ଦିରକୁ ଆସିବେ ।

◈ ତୁଳନା ଯୋଗୁ ସେମାନେ ଈଶ୍ୱରଙ୍କ କାର୍ଯ୍ୟର ପ୍ରଶଂସା କରି ନ ଥିଲେ – ମାତ୍ର ଈଶ୍ୱର ନିଜ ଦୟାରେ ଆମକୁ ଉତ୍ସାହିତ କରିବା ପାଇଁ ସଠିକ୍ ସମୟରେ ଉତ୍ସାହିତ କରନ୍ତି ।

ବଳବାନ୍ ହୁଅନ୍ତୁ !

ହାଗୟ ୨:୪ରେ, ଈଶ୍ୱର ଭାବବାଦୀଙ୍କ ମାଧ୍ୟମରେ କଥା କହିଛନ୍ତି :

"ହେ ଯିରୁବ୍ବାବିଲ, ତୁମ୍ଭେ ଏବେ ବଳବାନ୍ ହୁଅ...

"ହେ ଯିହୋଷାଦକଙ୍କର ପୁତ୍ର ଯିହୋଶୂୟ ମହାଯାଜକ, ତୁମ୍ଭେ ବଳବାନ୍ ହୁଅ..."

"...ତୁମ୍ଭେମାନେ ବଳବାନ୍ ହୁଅ ଓ କାର୍ଯ୍ୟ କର... ଆମ୍ଭେ ତୁମ୍ଭମାନଙ୍କର ସଙ୍ଗେ ସଙ୍ଗେ ଅଛୁ ।"

ତିନିଥର, ଈଶ୍ୱର ସେମାନଙ୍କୁ ତାଙ୍କ ଉପସ୍ଥିତିର ଭରସା ଦେଇ, ବଳବାନ୍ ହେବା ପାଇଁ ଆଦେଶ ଦେଇଛନ୍ତି – "ଆମ୍ଭର ଆତ୍ମା ତୁମ୍ଭମାନଙ୍କ ମଧ୍ୟରେ ଅଧିଷ୍ଠାନ କରିବ ... ତୁମ୍ଭେମାନେ ଭୟ କର ନାହିଁ" (ହାଗୟ ୨:୫) ।

ଆଜି, ଈଶ୍ୱର କହୁଛନ୍ତି, "ବଳବାନ୍ ହୁଅ । ତୁମ୍ଭେମାନେ ଯେ କୌଣସି ପରିସ୍ଥିତି ମଧ୍ୟ ଦେଇ ଯାଉଥିଲେ ମଧ୍ୟ, ଆମ୍ଭେ ତୁମ୍ଭର ସହବର୍ତ୍ତୀ ଅଟୁ ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
ଥିଓଲୋଜିରେ ଡିପ୍ଲୋମା & Bachelor of Theology
Chepauk & Santhoshapuram, Velachery Chennai.
ମାଧ୍ୟମ - ତାମିଲ (Part Time)
ମାଧ୍ୟମ - ହିନ୍ଦୀ (Part Time)
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଅଧିବେଶନ ସାଥୀଗଣ (ପାଳକମାନେ) ।
୮. ତାମିଲ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ସେଣ୍ଟପଲସ୍ ମାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ରବିସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ନ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉପହାର ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୭.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୬. ଶିଶୁଙ୍କ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ରା. ୯.୩୦ ମି (ରାତ୍ରି) ।
୩୨. ଉପବାସ ପ୍ରାର୍ଥନା – ଦ୍ୱିତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରି ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରି ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ
## କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ୍ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ୍ ପାଠ୍ୟକ୍ରମ ସ୍ନାତକସ୍ତରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉଚ୍ଚତ ସ୍ତରର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ପୋଷ୍ଟାଲ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

***For more details, write to us.***

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.

**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ ''ଆହ୍ୱାନର ପ୍ରତିଧ୍ୱନି'' ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ଆମେ ଆମ ମଣ୍ଡଳୀ ଗୁଡ଼ିକରେ ଏହିପରି ଦୃଢ଼ ସ୍ତମ୍ଭ ଆବଶ୍ୟକ କରୁ ।

**''ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ କରିବୁ'' (ପ୍ରକାଶିତ ୩:୧୨) ।**



ମୋର ଯୌବନକାଳର ଦିନ ଗୁଡ଼ିକରେ, ମୁଁ ଚେନ୍ନାଇର ଆପୋଷ୍ଟୋଲିକ୍ ଖ୍ରୀଷ୍ଟିଆନ ଆସେମ୍ବ୍ଲି ଚର୍ଚ୍ଚରେ ଦୃଢ଼ ଭାବରେ ରୋପିତ ହୋଇଥିଲି । ସେହି ପାଳକ ସ୍ୱର୍ଗତଃ ଜି.ସୁନ୍ଦରମ ଜଣେ ଦୃଢ଼ ଆତ୍ମିକ ନେତା ଥିଲେ ଓ ନିଜର ଧାର୍ମିକ ଜୀବନ, ଶକ୍ତିପୂର୍ଣ୍ଣ ପ୍ରଚାର ଓ ବିଶ୍ୱସ୍ତ ତାଲିମ ମାଧ୍ୟମରେ, ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ହଜାର ହଜାର ସେବକମାନଙ୍କୁ ଉଠାଇଥିଲେ । ତାଙ୍କ ନିକଟରେ ଅସାଧାରଣ ସ୍ମୃତି ଶକ୍ତି ମଧ୍ୟ ଥିଲା ଓ ଯେଉଁମାନେ ବିଶ୍ୱସ୍ତ ଭାବରେ ରବିବାର ଉପାସନାରେ ଯୋଗ ଦେଉଥିଲେ ଓ ଯେଉଁମାନେ ଅନୁପସ୍ଥିତ ରହୁଥିଲେ, ସେମାନଙ୍କୁ ସେ ସହଜରେ ଚିହ୍ନିପାରୁଥିଲେ ।

ତାଙ୍କ ନେତୃତ୍ୱ ଅଧୀନରେ ଥିବା ଅନେକ ବିଶ୍ୱସ୍ତ କାର୍ଯ୍ୟକାରୀଙ୍କ ମଧ୍ୟରେ ତିନିଜଣ ଉଲ୍ଲେଖଯୋଗ୍ୟ ଈଶ୍ୱରଙ୍କ ଲୋକ ଥିଲେ, ଯଥା, ସ୍ୱର୍ଗତଃ ଡି.ସେଲଭାରାଜ ନାମକ ଜଣେ ରାଜ୍ୟ ସରକାର କର୍ମଚାରୀ, ରେଳ ବିଭାଗର ସ୍ୱର୍ଗତଃ ଭାଇ ଭିକ୍ଟର ସ୍ୱାମୀଦୋସ୍ ଓ କୋର୍ଟ ହାଇକୁଲର ଜୟକୁମାର ଭାବରେ ପରିଚିତ ସ୍ୱର୍ଗତଃ ଭାଇ ଏଲ୍.ଏମ୍.ଜୟମୋହନ ।




ଅନେକ ଯୁବକଙ୍କ ଭଳି, ମୁଁ କେତେ ଗୁଡ଼ିଏ ସମୟରେ ମୋର ସରକାରୀ କାର୍ଯ୍ୟ ଯୋଗୁଁ ଗୀର୍ଜାରେ ଯୋଗ ଦେଇ ପାରୁ ନ ଥିଲି । ଏହିପରି ସମୟରେ, ଈଶ୍ୱରଙ୍କର ଏହି ସମର୍ପିତ ଦାସମାନେ ପୋଲିସ ଅଫିସରମାନଙ୍କ ଭଳି ଅକ୍ଳାନ୍ତ ଭାବରେ ମୋର ଅନୁଧାବନ କରୁଥିଲେ ଓ ମୋତେ ମୋର କାର୍ଯ୍ୟ ସ୍ଥଳରେ, କ୍ୟାଣ୍ଟିନ୍‌ରେ ଓ ଅନ୍ୟ ସ୍ଥାନଗୁଡ଼ିକରେ ଖୋଜି ବାହାର କରୁଥିଲେ । ସେମାନେ ପ୍ରେମରେ ମୋତେ ପରାମର୍ଶ ଦେଉଥିଲେ ଓ ମଣ୍ଡଳୀ ଉପାସନାରେ ବିଶ୍ୱସ୍ତ ଭାବରେ ଯୋଗ ଦେବାର ଓ ମଣ୍ଡଳୀର ପ୍ରତ୍ୟେକ କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାର ଗୁରୁତ୍ୱ ଓ ଆଶୀର୍ବାଦ ବିଷୟରେ ଶିକ୍ଷା ଦେଉଥିଲେ ।

ସେମାନେ ମୋତେ ସଠିକ୍ ଆତ୍ମିକ ପଥରେ ରଖିବା ପାଇଁ ଉତ୍ସୁକ ଭାବରେ ସମୟ, ଅର୍ଥ ଓ ଶକ୍ତି ବ୍ୟୟ କରୁଥିଲେ । ମୁଁ ଦୃଢ଼ ବିଶ୍ୱାସର ସହିତ ଏହି ସାକ୍ଷ୍ୟ ଦେଇପାରିବି ଯେ ସେମାନଙ୍କର ପରିଶ୍ରମ ଓ ସମର୍ପଣ ମୋର ଆତ୍ମିକ ଜୀବନର ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଯଦିଓ ସେମାନେ କେତେକ ବିଷୟରେ ଅତି କଠୋର ଥିଲେ, ତଥାପି ସେମାନେ ଧୈର୍ଯ୍ୟଶୀଳ, ଦୟାଳୁ ଓ ମୋ' ଭଳି ଯୁବ ବିଶ୍ୱାସୀମାନଙ୍କର ଶିଷ୍ୟତ୍ୱ ପାଇଁ ଗଭୀରଭାବେ ସମର୍ପିତ ଥିଲେ ।

ପରେ, ଯେତେବେଳେ ପ୍ରଭୁ ଅନୁଗ୍ରହର ସହିତ ''ଆତ୍ମାର ପ୍ରତିଧ୍ୱନି ସେବାକାର୍ଯ୍ୟ''କୁ ଆଶୀର୍ବାଦ କରିଥିଲେ, ସେତେବେଳେ ଏହି ଲୋକମାନେ ପିତୃତୁଲ୍ୟ ପ୍ରେମରେ ସେମାନଙ୍କର ସାହାଯ୍ୟର ହାତ ବଢ଼ାଇ ଥିଲେ । ସେମାନେ ନିୟମିତ ଭାବରେ ଆମ ମଣ୍ଡଳୀଗୁଡ଼ିକରେ ପ୍ରଚାର କରୁଥିଲେ ଓ ବିଶେଷ ସଭାରେ ଯୋଗ ଦେଉଥିଲେ । ମୁଁ ଦୃଢ଼ ଭାବରେ ଏହା ବିଶ୍ୱାସ କରେ ଯେ ସେମାନେ କେବଳ ମୋ' ଜୀବନ ଉପରେ ନୁହେଁ, ମାତ୍ର ହଜାର ହଜାର ଲୋକଙ୍କ ଜୀବନ ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇଥିଲେ ।

ଯେଉଁମାନେ ସେମାନଙ୍କ ତାଲିମ ଅଧୀନରେ ପରିବର୍ତ୍ତିତ ଓ ତାଲିମପ୍ରାପ୍ତ ହୋଇଥିଲେ, ସେମାନେ ଉଭୟ ମଣ୍ଡଳୀ ଓ ଏହାର ପାଳକଙ୍କ ପ୍ରତି ଉତ୍ତରଦାୟୀ ରହିବା ପାଇଁ ପ୍ରଶିକ୍ଷିତ ହୋଇଥିଲେ । ସେମାନେ ବ୍ୟକ୍ତିଗତ ପ୍ରତିଷ୍ଠା ପାଇଁ ନୁହେଁ, ମାତ୍ର କେବଳ ଈଶ୍ୱରଙ୍କ ଗୌରବ ନିମନ୍ତେ ପରିଶ୍ରମ କରିଥିଲେ । ସେମାନଙ୍କର ସ୍ମୃତି ଓ ସେମାନଙ୍କର ବଂଶଧରମାନଙ୍କ ଉପରେ ପ୍ରଭୁ ପ୍ରଚୁରଭାବେ ଆଶୀର୍ବାଦ କରନ୍ତୁ ।



ଈଶ୍ୱର ସେପରି ଏହିପରି ଅତି ସମର୍ପିତ, ନିଃସ୍ୱାର୍ଥପର ଓ ବିଶ୍ୱସ୍ତ ଲୋକମାନଙ୍କୁ ଆଜିର ମଣ୍ଡଳୀଗୁଡ଼ିକରେ ପୁଣିଥରେ ଉତ୍ଥାପନ କରିବେ, ଏହା ମୋର ଆନ୍ତରିକ ପ୍ରାର୍ଥନା ଅଟେ ।

******************

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

◈ ଏହା ଯିହୋଶୂୟଙ୍କ ପ୍ରତି ପ୍ରଦତ୍ତ ହୋଇଥିବା ପ୍ରତିଜ୍ଞା ସଦୃଶ ଅଟେ – "...ବଳବାନ୍ ହୁଅ ଓ ସାହସିକ ହୁଅ ... ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭର ସଙ୍ଗୀ ହେବେ" (ଯିହୋଶୂୟ ୧:୯) ।

◈ ଯିଶାଇୟ ୪୧:୧୦ରେ ସେହି ସମାନ ଭରସା ଦିଆଯାଇଛି – "ତୁମ୍ଭେ ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭ ସଙ୍ଗରେ ଅଛୁ, ନିରାଶ ହୁଅ ନାହିଁ, ... ଆମ୍ଭେ ଆପଣା ଧର୍ମସ୍ୱରୂପ ଦକ୍ଷିଣ ହସ୍ତରେ ତୁମ୍ଭକୁ ଧରି ରଖିବା" ।



ଆମ୍ଭେ ଆପଣା ଧର୍ମସ୍ୱରୂପ ଦକ୍ଷିଣ ହସ୍ତରେ ତୁମ୍ଭକୁ ଧରି ରଖିବା

ସେତେବେଳେ ଆମେ ତୁଳନା କରିବା, ସେତେବେଳେ ନିରୁତ୍ସାହ ଓ ଭୟ ଦେଖାଦେବ । ଆମେ ଅନ୍ୟମାନଙ୍କ ସହିତ ନିଜ ନିଜକୁ ତୁଳନା କରିବା ଉଚିତ୍ ନୁହେଁ । ଆମ ନିକଟରେ ଏକ ସ୍ୱର୍ଗୀୟ ଆହ୍ୱାନ ଅଛି ।

## ୨. ବାହ୍ୟ ଆହ୍ୱାନଗୁଡ଼ିକ

ଆଭ୍ୟନ୍ତରୀଣ ସଂଘର୍ଷଗୁଡ଼ିକୁ ନିୟନ୍ତ୍ରଣ କରିବା ପରେ, ଇସ୍ରାଏଲୀୟମାନେ ସେମାନଙ୍କର ଆଞ୍ଚଳିକ କର୍ତ୍ତୃପକ୍ଷମାନଙ୍କଠାରୁ ବାହ୍ୟ ବିରୋଧର ସମ୍ମୁଖୀନ ହୋଇଥିଲେ ।

"ଏହି ମନ୍ଦିରକୁ ନିର୍ମାଣ କରିବା ପାଇଁ ଓ ଏହାର ପ୍ରାଚୀରକୁ ସଂପୂର୍ଣ୍ଣ କରିବା ପାଇଁ କିଏ ତୁମ୍ଭମାନଙ୍କୁ ଆଦେଶ ଦେଇଅଛି ?"

ବିରୋଧର ଅର୍ଥ ଏହା ନୁହେଁ ଯେ ଈଶ୍ୱର ଆମକୁ ପରିତ୍ୟାଗ କରିଛନ୍ତି । କେତେବେଳେ ଈଶ୍ୱର ପ୍ରକୃତରେ ଆମ ପକ୍ଷରୁ କାର୍ଯ୍ୟ କରୁଥା'ନ୍ତି ଓ କେତେବେଳେ କୌଣସି ବିଷୟ ତାଙ୍କ ଇଚ୍ଛା ସହିତ ସମ୍ମିଳିତ ନ ଥାଏ, ଏହାକୁ ଚିହ୍ନିବା ପାଇଁ, ଆମେ ଆତ୍ମିକ ଅନ୍ତର୍ଦୃଷ୍ଟି ଆବଶ୍ୟକ କରୁ । ଈଶ୍ୱରଙ୍କ ରାଜ୍ୟର ଅଗ୍ରଗତି ପାଇଁ, ବିଶେଷ ଭାବରେ, ଯେତେବେଳେ ଆମେ ତାଙ୍କ ଇଚ୍ଛାର ବାଧ୍ୟ ହୋଇ ଗମନାଗମନ କରୁଥାଉ, ସେତେବେଳେ ଆମେ ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ବିରୋଧକୁ ଈଶ୍ୱର ବ୍ୟବହାର କରିପାରିବେ ।

◈ ଦାଉଦ ଗଲିୟାତ୍‌ର ସମ୍ମୁଖୀନ ହୋଇଥିଲେ ।

◈ ନିହିମିୟା ଶନବଲ୍ଲଟ ଓ ଟୋବିୟର ସମ୍ମୁଖୀନ ହୋଇଥିଲେ ।

◈ ପାଉଲ ଯିହୁଦୀ ଲୋକମାନଙ୍କଠାରୁ ତାଡ଼ନାର ସମ୍ମୁଖୀନ ହୋଇଥିଲେ ।

◈ ଆଦ୍ୟ ଖ୍ରୀଷ୍ଟିଆନମାନେ ପ୍ରତ୍ୟେକ ସ୍ଥାନରେ ବିରୋଧର ସମ୍ମୁଖୀନ ହୋଇଥିଲେ ।

◈ ତଥାପି, ଏହି ସମସ୍ତ ପରିସ୍ଥିତିରେ, ଈଶ୍ୱରଙ୍କ ନାମ ଗୌରବାନ୍ୱିତ ହୋଇଥିଲା ।

ସେହିପରି ଭାବରେ, ଏହି ଅଧ୍ୟାୟରେ, ଆମେ ବିରୋଧ ଉଠୁଥିବାର ଦେଖୁଛୁ । ଲୋକମାନେ ଧ୍ୱଂସ ସ୍ତୂପରୁ ମନ୍ଦିରର ପୁନର୍ନିର୍ମାଣ ନିମନ୍ତେ ସେମାନଙ୍କର ଚାକିରୀ, ସେମାନଙ୍କର ପରିବାର ଓ ସେମାନଙ୍କର ସ୍ୱାଚ୍ଛନ୍ଦ୍ୟ ପରିତ୍ୟାଗ କରିଥିଲେ । ସେମାନେ ବଡ଼ ସ୍ୱାର୍ଥତ୍ୟାଗ କରିଥିଲେ । ତଥାପି, ପ୍ରଶଂସା ପାଇବା ପରିବର୍ତ୍ତେ, ସେମାନେ ସମାଲୋଚନାର – ଉତ୍ସାହ ପରିବର୍ତ୍ତେ ଅଭିଯୋଗ ପତ୍ରର ସମ୍ମୁଖୀନ ହୋଇଥିଲେ ଓ ସେମାନଙ୍କ କାର୍ଯ୍ୟ ପ୍ରତି ନିରନ୍ତର ଆହ୍ୱାନ ଓ ବିରୋଧ ଆସିଥିଲା ।

ଲୋକମାନଙ୍କର ସ୍ୱୀକୃତି ଆଶା କରନ୍ତୁ ନାହିଁ । ଈଶ୍ୱର ନିଜେ ଆମର ପୁରସ୍କାର ଦାତା ଅଟନ୍ତି । ବିଶ୍ୱସ୍ତ ଭାବରେ ତାଙ୍କର କାର୍ଯ୍ୟ କରିଚାଲନ୍ତୁ ।

ପ୍ରିୟ ବନ୍ଧୁଗଣ, ଯେତେବେଳେ ଆପଣମାନେ ବିରୋଧର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭୟଭୀତ ହୁଅନ୍ତୁ ନାହିଁ । "ମାତ୍ର ସେମାନଙ୍କ ଈଶ୍ୱରଙ୍କ ଚକ୍ଷୁ ଯିହୁଦୀମାନଙ୍କର ପ୍ରାଚୀନମାନଙ୍କ ଉପରେ ଥିଲା ।" ଆଜି ମଧ୍ୟ ଆମ ପ୍ରଭୁଙ୍କର ଚକ୍ଷୁ ଆମ ଉପରେ ଅଛି । ଏହା ହୁଏତ ଆପଣମାନଙ୍କ ନିମନ୍ତେ ଏକ ବାକ୍ୟ ହୋଇପାରେ :

"ହୁଏତ ଅସ୍ତ୍ରଶସ୍ତ୍ର ଆପଣମାନଙ୍କ ବିରୁଦ୍ଧରେ ନିର୍ମିତ ହୋଇପାରେ, ମାତ୍ର ସେଗୁଡ଼ିକ ସଫଳ ହେବ ନାହିଁ । ନିନ୍ଦା ଓ ଅଭିଯୋଗ ଆସିପାରେ, ମାତ୍ର ସେଗୁଡ଼ିକ ଦଣ୍ଡାୟମାନ ହେବ ନାହିଁ ।"

ଈଶ୍ୱର କ'ଣ କରିଥିଲେ ?

ସେ ଯୁଦ୍ଧ କରିବା ସମୟରେ, 'ଆକାଶମଣ୍ଡଳ ଓ ପୃଥିବୀକୁ ହଲାଇବେ" (ହାଗୟ ୨:୨୧) । ସେ ବିଶ୍ୱର ସମସ୍ତ ବିଷୟକୁ ଆମ ସପକ୍ଷରେ କାର୍ଯ୍ୟ କରାଇବେ ।

ଯେତେବେଳେ ସବୁକିଛି ସେମାନଙ୍କର ପ୍ରତିକୂଳରେ ଥିବା ଭଳି ମନେହେଲା, ସେତେବେଳେ ଏଜ୍ରା ୬:୧୨ରେ ଆମେ ପଢ଼ୁ, "ମୁଁ, ଦାରୀୟାବସ୍, ଏହି ଆଜ୍ଞା ଦେଉଅଛି । ଏହା ଅତି ଯତ୍ନପୂର୍ବକ କରାଯାଉ ।" ଯେଉଁ ରାଜା ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ପାଇଥିଲେ, ସେ ବର୍ତ୍ତମାନ ଏହି ଆଜ୍ଞା ପତ୍ର ପ୍ରଦାନ କରିଥିଲେ ଯେପରି କାର୍ଯ୍ୟଟିକୁ ବିନା ବାଧାରେ ସଂପୂର୍ଣ୍ଣ ହେବ ।

◈ ସେ ଆନୁଷ୍ଠାନିକ ଭାବରେ ପୁନର୍ନିର୍ମାଣ କାର୍ଯ୍ୟକୁ ପୁନଃ ସମର୍ଥନ କରିଥିଲେ : "ପରମେଶ୍ୱରଙ୍କ ଏହି ଗୃହର କାର୍ଯ୍ୟରେ ହସ୍ତ ଦିଅ ନାହିଁ" (ଏଜ୍ରା ୬:୭) ।

◈ ଏହି କାର୍ଯ୍ୟ ପାଇଁ ସମସ୍ତ ଅର୍ଥ ରାଜକୋଷରୁ ଦିଆଯାଉ ବୋଲି ସେ ଆଦେଶ ଦେଇଥିଲେ (ଏଜ୍ରା ୬:୮) ।

◈ ଉପାସନା ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଯେପରି ପ୍ରତିଦିନ ଯୋଗାଇ ଦିଆଯିବ, ଏହି ବିଷୟରେ ସେ ସୁନିଶ୍ଚିତ ହୋଇଥିଲେ (ଏଜ୍ରା ୬:୯–୧୦) ।

◈ ଯଦି କେହି କାର୍ଯ୍ୟରେ ବାଧା ଦେବ, ତେବେ ତାକୁ କଠୋର ଦଣ୍ଡ ଦିଆଯିବ ବୋଲି ସେ ସତର୍କ କରି ଦେଇଥିଲେ (ଏଜ୍ରା ୬:୧୧–୧୨) ।

ରାଜା ଦାରିୟାବସଙ୍କର ପ୍ରତିକ୍ରିୟା କେବଳ ସମର୍ଥନମୂଳକ ନ ଥିଲା – ଏହା ସୁରକ୍ଷାଦାୟକ ଓ ଉଦାର ମଧ୍ୟ ଥିଲା ।

ଯାହା ବିରୋଧରେ ଆରମ୍ଭ ହୋଇଥିଲା, ତାହା ଶେଷରେ ଲୋକମାନଙ୍କ ଆଶାର ଊର୍ଦ୍ଧ୍ୱରେ ପୁନର୍ନିର୍ମାଣର ପ୍ରଚେଷ୍ଟାକୁ ଶକ୍ତିଯୁକ୍ତ କରିଥିଲା ।

ଯେତେବେଳେ ଈଶ୍ୱର ନିଜର ଉଦ୍ଦେଶ୍ୟକୁ ଘୋଷଣା କରନ୍ତି (ହାଗୟ ୨) ।

ସେତେବେଳେ ସେ ଏହାକୁ ସାଧନ କରିବା ନିମନ୍ତେ ମାନବ ବ୍ୟବସ୍ଥାର ପୁନଃ–ଆୟୋଜନ କରନ୍ତି (ଏଜ୍ରା ୬) ।

ମୁଁ ପ୍ରାର୍ଥନା କରୁଛି ଯେପରି ଏହି ମାସରେ ଆପଣଙ୍କ ବିରୁଦ୍ଧରେ କଥିତ ପ୍ରତ୍ୟେକ ନକାରାତ୍ମକ ବାକ୍ୟ ଖଣ୍ଡନ ହେବ ଓ କ୍ଷତି ନିମନ୍ତେ ଉଦ୍ଦିଷ୍ଟ ପ୍ରତ୍ୟେକ ଯୋଜନା ଆପଣଙ୍କର ସପକ୍ଷରେ କାର୍ଯ୍ୟ କରିବ । ଯଦି ଆପଣ ଈଶ୍ୱରଙ୍କ ଲୋକମାନଙ୍କ ଜୀବନରେ ତାଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ସମଗ୍ର ବ୍ୟବସ୍ଥାକୁ ପୁନଃ–ପ୍ରସ୍ତୁତ କରିବେ, ତେବେ ସେ ଆଜି ବି ଆପଣଙ୍କ ଜୀବନରେ ସେହି କାର୍ଯ୍ୟ କରିବେ । ତାଙ୍କର ଚକ୍ଷୁ ଆପଣଙ୍କୁ ଲକ୍ଷ୍ୟ କରୁଅଛି ।

ଏଥିପାଇଁ ଆମକୁ କେବଳ ତାଙ୍କଠାରେ ବିଶ୍ୱାସ ରଖିବାକୁ ହେବ । କ୍ରୁଶ ଉପରେ ପ୍ରଦର୍ଶିତ ତାଙ୍କର ପ୍ରେମ ଅପରିମେୟ ଅଟେ । ଆମେ ଯେପରି ବିଜୟୀ ଜୀବନ କାଟିବୁ, ଏଥିପାଇଁ ଯୀଶୁ ଖ୍ରୀଷ୍ଟ ମୃତ୍ୟୁବରଣ କରିଥିଲେ ।

ସେଥିପାଇଁ, ଦୟାକରି ସୃଷ୍ଟିକର୍ତ୍ତାଙ୍କଠାରେ ଆପଣଙ୍କର ବିଶ୍ୱାସ ସ୍ଥାପନ କରନ୍ତୁ ।

## ବିଜ୍ଞାପନ

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୪୮),
(୯୧-୯୮୪୧୨୭୧୮୪୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।
ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## OUR BANK DETAILS:

### *1. Bank : State Bank of India*

| | |
|---|---|
| Branch | : **Triplicane, Chennai-5** |
| Name | : **S. Sam Selva Raj** |
| A/C No. | : **1023 2934 679** |
| IFSC | : **SBIN 00 00 249** |

SWIFT CODE : **SBI NIN BB 455**

### *2. Bank : ICICI Bank*

| | |
|---|---|
| Branch | : **Anna Salai, Chennai-6** |
| Name | : **Echo of His Call** |
| A/C No. | : **6038 0502 2319** |
| IFSC | : **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | |
|---|---|
| Branch | : **Triplicane, Chennai-5** |
| Name | : **Echo of His Call Educational Trust** |
| A/C No. | : **1023 2923 805** |
| IFSC | : **SBIN 00 00 249** |

## OUR QR CODE:

ECHO OF HIS CALL

Scan to pay with any UPI app

**Google Pay: 98410 71858**
**PayPal : SAM SELVA RAJ**

*****

E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।


ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org


**YOU CAN SEND YOUR DONATION ONLINE ALSO**


**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th JULY 2026.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**


*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**